## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଚୋରି

ଢେଙ୍କିକୋଟ,୨୪।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ଉପରେ ଥିବା ଟୋଲଗେଟ୍ ନିକଟରେ ଥିବା ୨ ଘରର ତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଟୋଲଗେଟ୍ ନିକଟରେ ଆଇନାଲ ସେକ୍, ହସେନ ଜାମାଲ, ଆଗ୍ରଫୁଲ ସେକ୍, ସାମଲ ସେକ୍ ଏକ ରୁମ ଭଡ଼ା ନେଇ ରହୁଥିଲେ। ୪ଜଣ ଗାଁକୁ ଗାଁ ବୁଲି ବ୍ୟବସାୟ କରନ୍ତି। ଅନ୍ୟ ଏକ ରୁମ୍‌ରେ ଦିନ ମଜୁରିଆ ଭାଗୀରଥି ପ୍ରଧାନ ରହୁଥିଲେ। ଗୁରୁବାର ସମସ୍ତେ ନିଜ ନିଜ କାମରେ ଚାଲିଯାଇଥିଲେ। ପୂର୍ବାହ୍ନ ୧୧ଟା ସମୟରେ ଦୁର୍ବୃତ୍ତ ୩ ଘରର ତାଲା ଭାଙ୍ଗି ଘରେ ଥିବା ଆସବାବପତ୍ର ଏଣେ ତେଣେ ଫିଙ୍ଗାଫୋପଡା କରି ରୁମ୍‌ରେ ଥିବା ଟଙ୍କା ନେଇଯାଇଥିଲେ। ଭାଗୀରଥିଙ୍କ ୧୦ ହଜାରରୁ ଊର୍ଦ୍ଧ୍ୱ ଓ ଫେରିବାଲାଙ୍କ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ପ୍ରକାଶ କରିଛନ୍ତି। ପୋଲିସ ବିଟ ହାଉସ୍ ଅଧିକାରୀ ତ୍ରିନାଥ ତଦନ୍ତ ଆରମ୍ଭ କରିଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ

**ସାମଗ୍ରୀ ହସ୍ତାନ୍ତରକଲା ପୋଲିସ**

ପାଟଣା,୨୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ରାଇକଳା ଗ୍ରାମରୁ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ବିବାହ ସମୟରେ ଝିଅଘର ପକ୍ଷରୁ ଦିଆଯାଇଥିବା ସମସ୍ତ ସାମଗ୍ରୀ ଜବତ କରି ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ବଟକୃଷ୍ଣ ଜେନାଙ୍କ ପୁଅ ସ୍ୱାତୀ ସ୍ୱାଗତ ଜେନା କେନ୍ଦୁଝର ଭୋଟ ସାହିର ରଞ୍ଜନ କୁମାର ପଟ୍ଟନାୟକଙ୍କ ଝିଅ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କୁ ଗତ ମାର୍ଚ୍ଚ ୭ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ନବ ବିବାହିତା ବୋହୂ ବାପ ଘରକୁ ପଳାଇବା ସହ ବୁଧବାର ତୁରୁମୁଙ୍ଗା ଥାନାରେ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରୁଥିବା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୮୯/୨୫) ରୁଜୁ କରିବା ସହ ବିବାହ ସମୟରେ ଯୌତୁକ ବାବଦରେ ଆଣି ଥିବା ସାମଗ୍ରୀକୁ ଗୁରୁବାର ଜବତ କରି କନ୍ୟାପକ୍ଷଙ୍କୁ ହସ୍ତାନ୍ତର କରିଛି।

# କାନପୁର ପ୍ରକଳ୍ପ କାର୍ଯ୍ୟ ବିଳମ୍ବ, ସମସ୍ୟାରେ ବିସ୍ଥାପିତ

**ସମୀକ୍ଷା ବୈଠକରେ ଏମ୍‌ପିଙ୍କ ଉଦ୍‌ବେଗ**

ଯୋଡ଼ା,୨୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣଧୀନ କାନପୁର ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅନ୍ୟପକ୍ଷେ ବିସ୍ଥାପିତ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇ ସମସ୍ୟା ଭୋଗୁଥିବା ଜଣାପଡ଼ିଛି। ଏ ନେଇ ବୁଧବାର ପୂର୍ବାହ୍ନ ୧୨ଟାରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଏକ ସମୀକ୍ଷା କରିଥିଲେ। ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ପୂର୍ବରୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ ନ ହେବା ଓ ଅବସ୍ଥାପିତଙ୍କ ଅସୁବିଧାକୁ ନେଇ ଏମ୍‌ପି ଉଦ୍‌ବେଗ ପ୍ରକାଶ କରିଥିଲେ।

କେନାଲ, ଡ୍ୟାମରେ ଗେଟ୍ ନିର୍ମାଣ, ସ୍ପିଲୱେ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଏମ୍‌ପି ଏ ନେଇ ପ୍ରକଳ୍ପ ଅଧିକାରୀଙ୍କୁ ବିଳମ୍ବ ହେବାର କାରଣ ପଚାରିଥିଲେ। ପ୍ରକଳ୍ପର ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କେନାଲ ନିର୍ମାଣ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ୧୯ଟି ବ୍ରିଜ୍ ଓ କଂକ୍ରିଟ ଡ୍ରେନ୍ ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ହୋଇଛି। ଏହିସବୁ ନିର୍ମାଣ କାର୍ଯ୍ୟ ଜୁନ୍ ୩୦ ଓ ସ୍ପିଲୱେର ଡି ୱାଟରିଂ କାର୍ଯ୍ୟ ମେ ୫ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦେଇଥିଲେ। ଜିଲାପାଳଙ୍କ ଜମି ଅଧିଗ୍ରହଣ


ବୈଠକରେ ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ, ଜିଲାପାଳ, ଏସ୍‌ପି, ଡିଏଫ୍‌ଓ ଓ ଅନ୍ୟମାନେ।

ସମସ୍ୟା ପ୍ରଶ୍ନର ଉତ୍ତରରେ କହିଥିଲେ, ନୂଆଗାଁରେ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରାଯାଇନାହିଁ। ଯେଉଁଥି ପାଇଁ କେନାଲ ନିର୍ମାଣରେ ସମସ୍ୟା ସୃଷ୍ଟି ହୋଇଛି। ବୈଠକରେ ଉପସ୍ଥିତ ସ୍ଥାନୀୟ ନେତ୍ରୀ ସୋମବାରୀ ମୁଣ୍ଡା ବିସ୍ଥାପିତଙ୍କୁ ସରକାର କେଉଁ ନିୟମ ଅନୁଯାୟୀ ଜମି କ୍ଷତିପୂରଣ ଟଙ୍କା ପ୍ରଦାନ କରିଛନ୍ତି। ଏ ବିଷୟରେ କିଛି ଜାଣିହେଉନାହିଁ। କିଛି ବିସ୍ଥାପିତଙ୍କୁ ୨୦୦୬ ଅନୁଯାୟୀ କ୍ଷତିପୂରଣ ଟଙ୍କା ମିଳିଥିବା ବେଳେ କିଛି ବିସ୍ଥାପିତଙ୍କୁ ୨୦୧୩ ଥଇଥାନ ନିୟମ ଅନୁଯାୟୀ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯାଉଛି। ୨୦୦୯ରେ ବିସ୍ଥାପିତଙ୍କୁ ବହୁ କମ ଅର୍ଥ ଜମି କ୍ଷତିପୂରଣ ଟଙ୍କା ମିଳିଥିଲା। ୨୦୨୨ରେ ବିସ୍ଥାପିତଙ୍କ ଗାଁ ଉଚ୍ଛେଦ କରାଗଲା। ଏପରି ସ୍ଥଳେ ସରକାର କେଉଁ ବିସ୍ଥାପିତ ନିୟମ ଲାଗୁ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ବିସ୍ଥାପିତ ଓ ଥଇଥାନ ନିୟମ ଅନୁଯାୟୀ, ଆବେଦନକାରୀଙ୍କୁ ୪ ଏକର ଅଣ ଜଳ ସେଚିତ, ୩ ଏକର ଜଳସେଚିତ ଜମି ଯୋଗାଇ ଦେବା ପାଇଁ ନିୟମ ରହିଛି। ମାତ୍ର ଏହି ନିୟମକୁ ପ୍ରକଳ୍ପ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରୁନାହାନ୍ତି। ଏହା ଶୁଣିବା ପରେ ଏମ୍‌ପି ଉଦ୍‌ବେଗ ପ୍ରକାଶ କରିଥିଲେ। ବିସ୍ଥାପିତ ନେତା ଅର୍ଜୁନ ବେହେରା କହିଥିଲେ, ଦୀର୍ଘ ବର୍ଷ ଧରି ଗାଁ ଉଚ୍ଛେଦ ହେବା ପରେ ମଧ୍ୟ ଚମକପୁରର ଦେବଦେବୀ ମନ୍ଦିର, ପୀଠକୁ ଏ ପର୍ଯ୍ୟନ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ଥଇଥାନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ନୂତନ ସ୍ଥାନରେ ଭୋଟର ତାଲିକା, ଆଧାର କାର୍ଡ ପଞ୍ଜୀକରଣ ହୋଇ ନ ଥିବାରୁ ବିଭିନ୍ନ ସରକାରୀ ଯୋଜନାରୁ ବାଦ ପଡୁଛନ୍ତି। ଏ ଦିଗରେ ଜିଲାପାଳ ପଦକ୍ଷେପ ନେବା ପାଇଁ ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଏମ୍‌ପିଙ୍କ ସହିତ ଜିଲାପାଳ ବିଶାଲ ସିଂ, ଏସ୍‌ପି ନୀତିନ କୁଶଲକର ଦାଗଡୁ, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ରାଜସ୍ୱ ବିଭାଗର ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ, କାନପୁର ଜଳସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ନଗେନ୍ଦ୍ର ନାଥ ମାଝୀ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାହ୍ନୁ ମାଝୀ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅଜୟ ନାୟକ, ଓସିସିଏଲ ଜିଏମ ମନୋଜ ବେହେରାଙ୍କ ସମେତ ଯୋଡ଼ା ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି ଅଗୁନୁଚରଣ ମହାନ୍ତ, ଯୋଡ଼ା ନଗର ପ୍ରତିନିଧି ବିଏନ୍ ଦାସ, ଭାଜପା ନେତ୍ରୀ ସୋମବାରି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଧାନକିଣାରେ ଅନିୟମିତତା

## ସଢ଼ା ସମବାୟ ସମିତି

**■ଉପନିବନ୍ଧକ କେନ୍ଦୁଝରଙ୍କୁ ତଦନ୍ତ ନିର୍ଦ୍ଦେଶ**

ଛେନାପଦି,୨୪।୪(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ସଢ଼ା ସମବାୟ ସମିତିରେ ଧାନକିଣା ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏ ନେଇ ସମବାୟ ନିବନ୍ଧକଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ. ୭୨୮୭, ୨୧ ଏପ୍ରିଲ ୨୦୨୫) ମାଧ୍ୟମରେ ଉପନିବନ୍ଧକ କେନ୍ଦୁଝରଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ହୋଇଛି।

ସୂଚନା ଅନୁଯାୟୀ, ସଢ଼ା ସମବାୟ ସମିତିରେ ୨୦୨୪-୨୫ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଧାନ କିଣା ଦାୟିତ୍ୱରେ ଥିବା ସମିତିର ସମ୍ପାଦକ, ଡିଇଓ ଏବଂ ଅନ୍ୟ କର୍ମଚାରୀମାନେ ହାତଗୁଞ୍ଜା ନେଇ କିଛିବ୍ୟବସାୟୀଙ୍କ ଟୋକନ ସିରିଏଲକୁ ଆଗପକାଇ ସେମାନଙ୍କ ଆଖି ସ୍କାନ କରିଛନ୍ତି। ପ୍ରକୃତ ଚାଷୀ ଟୋକନ ସିରିଏଲରେ ଥାଇ ବି ସେମାନଙ୍କ ଆଖି ସ୍କାନ କରାଯାଇ ନ ଥିଲା। ବାରମ୍ବାର ସମବାୟ ସମିତିକୁ ଚାଷୀମାନେ ଆସି ଅଯଥା ଖର୍ଚ୍ଚାନ୍ତ ହୋଇଥିବା ଅଭିଯୋଗ କରିଥିଲେ। ମଣ୍ଡିରେ ଧାନ କିଣା ନ ଯାଇ ମିଲ୍‌ରେ ଧାନ କିଣାଯାଇ କାଗଜ କଲମରେ ଧାନ କିଣା ଦର୍ଶାଯାଇ ମୁନାଫା କରାଯାଇଛି। ଏ ନେଇ କିଛି ଚାଷୀ ଟେଲିଫୋନ ଯୋଗେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ମନୋଜ ମହାନ୍ତି, ଅକ୍ଷୟ ପହି, ସୁଧୀର ଶେଖର ପୁହାଣ, ଗଦାଧର ପଡ଼ିଆରୀ, ଜଗନ୍ନାଥ ପୁହାଣ, ଗୟାଧର ମହାନ୍ତି, ଶ୍ରୀଧର ଜେନା, ପ୍ରଶାନ୍ତ ରାଉତ, ଅଚ୍ୟୁତାନନ୍ଦ ପହି, ହରିହର ପାତ୍ର, ଶାନ୍ତନୁ ନାୟକ, ରତ୍ନାକର ରାଉତ ପ୍ରମୁଖ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ, ରେଜିଷ୍ଟ୍ରର ସମବାୟ ବିଭାଗ ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏଣୁ ଅତିଶୀଘ୍ର ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସିଭିଲ ସୋସାଇଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ବଡ଼ବିଲ ସିଭିଲ ସୋସାଇଟି ପକ୍ଷରୁ କ୍ୟାଣ୍ଡେଲ ଯାତ୍ରାରେ ଯୋଗଦେଇଥିବା ବ୍ୟକ୍ତି ବିଶେଷ।

**ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା**

ବଡ଼ବିଲ,୨୪।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସିଭିଲ୍ ସୋସାଇଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଭୋଲାଗ୍ୟାରେଜ ନିକଟରୁ ଅଟଳ ଛକ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକେ ନିନ୍ଦାଯାତ୍ରାରେ ଯୋଗଦେଇଥିଲେ। କଶ୍ମୀର ପହଲଗାମରେ ନିର୍ଦ୍ଦୋଷଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାର ନିନ୍ଦା କରିବା ସହ ଦେଶରେ ଶାନ୍ତି, ଏକତା ଓ ନ୍ୟାୟ ବଳବତ୍ତର ରଖିବାକୁ ଯାତ୍ରାରେ ସାମିଲ ହୋଇଥିବା ଲୋକେ କାମନା କରିଛନ୍ତି। ଏଥି ସହିତ ଆତଙ୍କବାଦ ଦମନ କରିବା ନେଇ କେନ୍ଦ୍ର ସରକାର ତୁରନ୍ତ କଠୋରରୁ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ନିନ୍ଦାଯାତ୍ରାରେ ସିଭିଲ ସୋସାଇଟିର ସଦସ୍ୟଙ୍କ ସହିତ ବିଭିନ୍ନ ଭାଷାଭାଷୀ ଓ ଧର୍ମର ଲୋକେ ସାମିଲ ହୋଇ ଶାନ୍ତି, ଏକତା ଆଦିର ବିଭିନ୍ନ ସ୍ଲୋଗାନର ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଥିଲା।

# ସହଯୋଗ ଅଭିଯାନ ସଫଳ ପାଇଁ ବୈଠକ

କେନ୍ଦୁଝର,୨୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଭିନ୍ନ ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସରଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବାବଦରେ ସଚେତନ କରିବା ସହ ଯୋଗ୍ୟତା ଭିତ୍ତିରେ ଅନ୍ତର୍ଭୁକ୍ତ କରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ସହଯୋଗ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଜିଲାର ସମସ୍ତ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳରେ ସଫଳ ଭାବେ ପ୍ରଣୟନ କରିବା ନିମନ୍ତେ ଜିଲାସ୍ତରୀୟ ବୈଠକ ଗୁରୁବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲାପାଳଙ୍କ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ ଓ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ ଜିଲାର ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଏହି ଅଭିଯାନ ପଦକ୍ଷେପ ଉଦ୍ଦେଶ୍ୟ ବାବଦରେ ଆଲୋଚନା କରିଥିଲେ। ସହରାଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀ ଲୋକଙ୍କୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ହିତାଧିକାରୀଙ୍କ ଘରେ ସୁବିଧା ପହଞ୍ଚାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଥିଲା। ସହରାଞ୍ଚଳରେ ବିଶେଷ ଭାବେ ପ୍ରଚଳିତ ସରକାରଙ୍କ ମୁଖ୍ୟ ୧୩ ଗୋଟି ସୁବିଧା ତଥା ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ଇ-ଶ୍ରମ ପୋର୍ଟାଲରେ ପଞ୍ଜିକରଣ, ପିଏମ୍ ବିଶ୍ୱକର୍ମା, ଆୟୁଷ୍ମାନ ଭାରତ, ଶ୍ରମିକ କାର୍ଡ, ଦିବ୍ୟାଙ୍ଗ ପ୍ରମାଣପତ୍ର, ସୁଭଦ୍ରା, ଖାଦ୍ୟ ନିରାପତ୍ତା, ପିଏମ୍ ସୁରକ୍ଷା, ଗାରିମା ଓ ଉଜ୍ଜ୍ୱଳାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତିଙ୍କୁ ଯୋଡ଼ିବା ପାଇଁ ବୈଠକରେ ଜୋର ଦିଆଯାଇଥିଲା। ସୂଚନାଯୋଗ୍ୟ, ସହଯୋଗ ଅଭିଯାନ ଆସନ୍ତା ମେ ପହିଲାଠାରୁ ପରୀକ୍ଷାମୂଳକ ଭାବେ ରାଜ୍ୟର ୧୩ ଗୋଟି ଜିଲାରେ ଆରମ୍ଭ କରାଯିବ।

## ସାନଙ୍କୁ ୫ ବର୍ଷ ଜେଲଦଣ୍ଡ

**ବଡ଼ ଭାଇଙ୍କୁ ହତ୍ୟା ଉଦ୍ୟମ ମାମଲା**

କେନ୍ଦୁଝର,୨୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସିଜେଏମ୍ ତଥା ସେସନ୍ସ ଜଜ୍ ହିମାଂଶୁ ଶେଖର ବିଶ୍ୱାଳ ଗୁରୁବାର ଏକ ମରଣାନ୍ତକ ଆକ୍ରମଣ ମାମଲାରେ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଅମ୍ବିକା ପ୍ରସାଦ ପଣ୍ଡାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୧୦ ଜୁନ୍ ୨୦୨୨ ସକାଳ ୭ଟା ସମୟରେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମଣ୍ଡୁଆ ଗ୍ରାମର ଅମ୍ବିକା ପ୍ରସାଦ ପଣ୍ଡା ଓ ମଝିଆ ଭାଇ ସତ୍ୟଜିତ୍ ପଣ୍ଡାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅମ୍ବିକା ଭାଇଙ୍କ ମୁହଁରେ ଲଙ୍କା ଗୁଣ୍ଡ ପକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ସତ୍ୟଜିତ୍‌ଙ୍କ ମୁଣ୍ଡ, ବେକ, ହାତ ଏବଂ ପିଠିରେ କ୍ଷତ ସୃଷ୍ଟି ହୋଇଥିଲା। ଅନ୍ୟ ଜଣେ ଭାଇ ସତ୍ୟ ନାରାୟଣ ପଣ୍ଡା ଆକ୍ରମଣ ବେଳେ ଛଡ଼ାଇବାକୁ ଉଦ୍ୟମ ବେଳେ ତାଙ୍କୁ ମଧ୍ୟ କାମୁଡ଼ି ଦେଇଥିଲେ। ଏ ସମ୍ପର୍କରେ ତାଙ୍କ ମା' ଅନ୍ନପୂର୍ଣ୍ଣା ପଣ୍ଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୨୩୭/୨୦୨୨)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୧୨ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅଶୋକ ଦାସ ମାମଲା ପରିଚାଳନା କରୁଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ସୋର, ୨୪।୪(ଜନ୍ମେଜୟ ମିଶ୍ର)

ସୋର ଥାନା ଶରଶଙ୍କ ପଞ୍ଚାୟତ ବ୍ରହ୍ମଣସାହି ଗ୍ରାମରେ ପାରିବାରିକ କଳହରୁ ମୂରଲୀଧର ସେଠୀ ନାମକ ଯୁବକ ମାନସିକ ଭାରସାମ୍ୟ ହରାଇ ଗୁରବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ତୁରନ୍ତ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନୂତନ ରାଶନକାର୍ଡ ପାଇଲେ ୨୦ ହିତାଧିକାରୀ

ପାଟଣା,୨୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ଗୁରୁବାର ପୂର୍ବାହ୍ନ ୧୧ଟାରେ ପାଟଣା ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମାନସ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ସମାରୋହରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ଏମ୍‌ପି ଅନନ୍ତ ନାୟକଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା ଆଭାସୀ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ପାର୍ଥ ସାରଥୀ ଜେ ସଂଯୋଜନା, ସହକାରୀଯନ୍ତ୍ରୀ ସିଦ୍ଧ ମାଝି, ଜିପିଡିଓ ରଶ୍ମି ରେଖା ମହାନ୍ତି, ଏପିଓ ଦୀପକ ବେହେରା, ଯନ୍ତ୍ରୀ ଅଜୟ ଝା, ଲାକାଇ ମୁର୍ମୁ, ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଦେହୁରୀ ସହଯୋଗ କରିଥିଲେ। ଏହି ଅବସରରେ ୨୦ ନୂତନ ରାଶନକାର୍ଡ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଏରେଣ୍ଡେଇ, ଗ୍ରାମୀଣ ଆବାସ ପାଇଁ ମୀରିଖୋଜି, ସିଏଫ୍‌ସି ପାଇଁ ବୁଢ଼ିକାପୁଡ଼ି, ଏସ୍‌ଏଫ୍‌ସି ପାଇଁ ତୁରୁମୁଙ୍ଗା, ସ୍ୱଚ୍ଛ ଭାରତ ପାଇଁ ମୁରୁସୁଆଁ ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଛି।

# ବୈତରଣୀ ଜଳସ୍ତର କମିଲା, ଚିନ୍ତାରେ ଚାଷୀ

ଚମ୍ପୁଆ,୨୪।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ବୋହି ଯାଉଥିବା ପୁଣ୍ୟତୋୟା ବୈତରଣୀ ନଦୀର ଜଳସ୍ତର କମିଛି। ଫଳରେ ଚାଷୀଙ୍କୁ ପାଣି ଚିନ୍ତା ଘାରିଲାଣି। ପାଣି ଭରଷାରେ ଅନେକ ଏକର ଜମିରେ ଖରାଟିଆ ଚାଷ କରିଥିବା ଚାଷୀ କିପରି ଚାଷ ଉଠାଇବେ ସେ ନେଇ ସନ୍ଧୀହାନ ହୋଇପଡ଼ିଲେଣି।

ଚାଷୀଙ୍କ କହିବା ଅନୁସାରେ, ବୁଧବାର ବୈତରଣୀ ନଦୀରେ ସ୍ୱାଭାବିକ ଜଳସ୍ତର ରହିଥିଲା। ଗୁରୁବାର ସକାଳୁ ନଦୀର ଜଳସ୍ତର କମିଯାଇଛି। ଏପରିକି ଦୀର୍ଘଦିନ ହେବ ଉକ୍ତ ନଦୀ ଜଳକୁ ଉଠାଜଳସେଚନ ମାଧ୍ୟମରେ ଚାଷୀ ଖରାଟିଆ ଧାନଚାଷ କରିଥିଲେ। ମାତ୍ର ଅସହ୍ୟ ଗ୍ରୀଷ୍ମ ପ୍ରଭାବ ପାଇଁ ଚାଷୀ ରାତି ସମୟରେ ଚାଷ ଜମିକୁ ପାଣି ମଡ଼ାଇ ଆସୁଥିଲେ। ବୁଧବାର ରାତିରେ ଏହି ଜଳସ୍ତର କମିଥିବା ଚାଷୀ ସୂଚନା ଦେଇଛନ୍ତି। ଜଳସ୍ତର କମିବାରୁ ନଦୀ କୂଳେ ଉଠାଜଳସେଚନ ବିଭାଗର ଅନେକ ପ୍ରକଳ୍ପ ରହିଥିବା ବେଳେ କଣ୍ଡରା, ଅଡଙ୍ଗାପାଳ ଆଦି ଅଞ୍ଚଳରେ ପ୍ରକଳ୍ପ ଏକ ପ୍ରକାର ବନ୍ଦ ହୋଇଯାଇଛି। ଚାଷୀ ଚାଷ କାମ କେମିତି ଉଠାଇବ ତଥା ଚାଷ ଜମିକୁ କେମିତି ପାଣି ମଡ଼ାଇବ ସେ ନେଇ ଚିନ୍ତିତ ହୋଇପଡ଼ିଛି। ଏ ନେଇ କାନପୁର ପ୍ରକଳ୍ପ ଏସ୍‌ସି ଅଜୟ ନାୟକ କହିଛନ୍ତି, ସ୍ପିଲ୍‌ୱେ କାମ ଚାଲିଛି। ଜଳ ହେଡିଂ ପର୍ଯ୍ୟନ୍ତ ପହଞ୍ଚିଲେ ଏସ୍କେପ କେନାଲ ଦେଇ ପୁଣି ପାଣି ଛଡ଼ାଯିବ।

## ମୁଣ୍ଡାସାହିରେ ପାଣି ସଙ୍କଟ

ଆନନ୍ଦପୁର,୨୪।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବାରୁଆଁ ମୁଣ୍ଡା ସାହିରେ ପାଣି ସଙ୍କଟ ଦେଖାଯାଇଛି। ମାସାଧିକାଳ ଲୋକମାନେ ପାଣି ଟୋପାଏ ପାଇଁ ତହଲବିକଳ ହେଉଛନ୍ତି। ବାଧ ହୋଇ ଚୁଆରୁ ବାହାରୁ ଥିବା ମଇଳା ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ପୂର୍ବରୁ ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କୌଣସି ସମାଧାନ ହେଉନାହିଁ। ପୂର୍ବରୁ ଗ୍ରାମବାସୀ ଚୁଆ ପାଣି ବ୍ୟବହାର କରୁଥିଲେ। ଅଭିଯୋଗ ପରେ ପଞ୍ଚାୟତ ତରଫରୁ ୨ ମାସ କାଳ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଇ ଦିଆଯାଉଥିଲା। ଧରିତ୍ରୀ ଖବରକାଗଜରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଏକ ନଳକୂପ ଖନନ ହୋଇଥିଲା। ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଳସ୍ତର କମିଯିବାରୁ ନଳକୂପଟିରୁ ଆଉ ପାଣି ବାହାରି ନ ଥିଲା। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ନଳକୂପଟିକୁ ମରାମତି କରାଯାଇଥିଲା। ମାତ୍ର ପାଣି ନ ବାହାରିବାରୁ ଗ୍ରାମବାସୀ ପୁନର୍ବାର ସେଇ ଚୁଆପାଣି ବ୍ୟବହାର କରୁଛନ୍ତି। ପ୍ରଶାସନ ତରଫରୁ କୌଣସି ସୁବିଧା ନ କଲେ ଗ୍ରାମବାସୀ ବ୍ଲକ୍ ସାମ୍ନାରେ ଧାରଣା ଦେବେ ବୋଲି ଗ୍ରାମର ଲକେ ହୋ, ଲକେନ ହୋ, ରାନୀ ହୋ, ସସ୍ମିତା ହୋ, ବଦନ ହୋ, ଚମ୍ପା ହୋ, ନାଣ୍ଡି ହୋ, ଟୁକୁନା ହୋ କହିଛନ୍ତି। ବିଭାଗୀୟ ଅଧିକାରୀ ଉଦୟନାଥ ହେମ୍ବ୍ରମ କହିଛନ୍ତି, ୩ରୁ ୪ ଦିନ ଭିତରେ ଏହାର ସମାଧାନ ହୋଇଯିବ।

# ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର,୨୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆମ କଳିକା କେନ୍ଦ୍ର(କ୍ରେଚ୍) ବୁଧବାର ପୂର୍ବାହ୍ନ ୧୧ଟାରେ ଏମ୍‌ପି ଅନନ୍ତ ନାୟକ ଉଦ୍‌ଘାଟନ କରିଛନ୍ତି। ସମାରୋହରେ ଜିଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲା ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, ଜିଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ଓ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀ ସେମାନଙ୍କ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ଓ ଲାଳନ ପାଳନ ଦିଗରେ ଏହି କ୍ରେଚ୍ ସହାୟକ ହେବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। କ୍ରେଚ୍‌ରେ ୧୦ରୁ ଊର୍ଦ୍ଧ୍ୱ ଶିଶୁ ଲାଭବାନ ହେବା ସହିତ ସେମାନଙ୍କର ଉପଯୁକ୍ତ ସେବା ଓ ଯତ୍ନ ନିଆଯିବାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଉକ୍ତ କଳିକା କେନ୍ଦ୍ରରେ ୬ ମାସରୁ ୬ ବର୍ଷର ଶିଶୁ ନିର୍ଦ୍ୱନ୍ଦ୍ୱରେ ରହିବା ସହିତ ସେମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ବିକାଶକୁ ସୁନିଶ୍ଚିତ କରିବା ନିମନ୍ତେ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଦିଦିଙ୍କୁ ନିୟୋଜିତ କରାଯାଇଛି।

# ପଞ୍ଚାୟତିରାଜ ସଶକ୍ତ ହେଲେ ବିକଶିତ ଓଡ଼ିଶା ଗଠନ ସମ୍ଭବ: ମନ୍ତ୍ରୀ

କେନ୍ଦୁଝର,୨୪।୪
(ଦୀପକ ମିଶ୍ର/ନରେଶ ପଟ୍ଟନାୟକ)

କେନ୍ଦୁଝର ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଅଡିଟୋରିୟମଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପାଳନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ବଖାଣିଥିଲେ।

ଅଭିଭାଷଣରେ କହିଥିଲେ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ, ଏକ ଉନ୍ନତ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ହୃଦୟଙ୍ଗମ କରି ପଞ୍ଚାୟତ ସଶକ୍ତିକରଣ କାର୍ଯ୍ୟକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନ ଗ୍ରାମୀଣ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସର୍ବଦା ଉଦ୍ୟମ ଜାରି ରଖିଥିବା କହିଥିଲେ। ରାଜ୍ୟର ସମସ୍ତ ପରିବାରକୁ ପାଇପ୍ ଯୋଗେ ନିରାପଦ ପାନୀୟ ଜଳ ଯୋଗାଣ, କଚ୍ଚାଘର ଥିବା ପରିବାରଙ୍କୁ ଘର ଯୋଗାଣ, ନିର୍ବାଚିତ ପଞ୍ଚାୟତ ଜନ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ରଣନୀତି ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରଯୁକ୍ତି ବିଦ୍ୟାର ସହାୟତା, ପଞ୍ଚାୟତସ୍ତରରେ ନିଜ ଆୟ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହେଉଥିବା ମନ୍ତ୍ରୀ ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥିଭାବେ ଏମ୍‌ପି ଅନନ୍ତ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ କେନ୍ଦୁଝର ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ ଉପସ୍ଥିତ ଥିଲେ। କେନ୍ଦୁଝର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ବଣ୍ଟନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକୁସମ୍ବର୍ଦ୍ଧିତ କରାଯାଇଥିଲା।



ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

# ବିଜେଡିର ମାନସ ମନ୍ଥନ କାର୍ଯ୍ୟକ୍ରମ

**ଯୋଗଦେଲେ ୫୦୦ରୁ ଊର୍ଦ୍ଧ୍ୱ ନେତା, କର୍ମୀ**

ବୈଶିଙ୍ଗା,୨୪।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ଦାମୋଦରପୁର ଜଙ୍ଗଲରେ ବିଜେଡିର ମାନସ ମନ୍ଥନ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ନିର୍ବାଚନ ମଣ୍ଡଳୀର ୪୫ ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗଦେଇ ଦଳର ଭବିଷ୍ୟତ ଉପରେ ସୁଚିନ୍ତିତ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର , ପୂର୍ବତନ ବେତନଟୀ ବ୍ଲକ ବିଜେଡି ସଭାପତି ସୁନ୍ଦର ମୋହନ ମହାନ୍ତ, ଜିଲା ପରିଷଦ ସଦସ୍ୟା ଧାନୀ କିସ୍କୁ, ବେତନଟୀ ଓ ବଡ଼ସାହି ବ୍ଲକର ସଭାପତି, ବ୍ଲକ ଉପାଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦାନ କରିଥିଲେ।

ଏହି ଅବସରରେ ଗତ ନିର୍ବାଚନର ସମୀକ୍ଷା କରାଯାଇଥିଲା। କେତେକ ସ୍ୱାର୍ଥପର ନେତା ଓ କର୍ମୀ ଯେଉଁମାନେ ବିଗତ ଚବିଶ ବର୍ଷ ମଧ୍ୟରେ ଦଳରୁ ଫାଇଦା ନେବା ସହ ନିଜର ପରିଚୟ ସୃଷ୍ଟି କରିପାରିଥିଲେ, ସେମାନେ ନିର୍ବାଚନ ଅବସରରେ ଦଳ ସହିତ ବିଶ୍ୱାସଘାତକତା କରି ଅନ୍ୟ ଦଳରେ ବିକ୍ରି ହୋଇଗଲେ, ସେ ସମ୍ପର୍କରେ ଆଲୋଚନା କରାଯାଇ ଏହି ଘଟଣାର ନିନ୍ଦା କରାଯାଇଥିଲା। ଏତଦ ବ୍ୟତୀତ ବିଗତ ୨୪ବର୍ଷ ଭିତରେ ମହିଳା ସଂଗଠନମାନେ ଦଳରୁ ବିଶେଷ ଫାଇଦା ହାସଲ କରିଥିଲେ ମଧ୍ୟ ଗତ ନିର୍ବାଚନରେ ଭାଜପା ଦଳର ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇ ବିଜେଡି ସହିତ କିପରି ପ୍ରତାରଣା କଲେ ଓ ଏହାର ପରିଣାମ କ'ଣ ତାହା ଏବେ ବୁଝି ପାରୁଛନ୍ତି, ସେ ସମ୍ପର୍କରେ ବିଜେଡିକୁ ଭଲ ପାଉଥିବା କର୍ମୀ ଓ ନେତାମାନେ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିସହିତ ଆଗାମୀ ଦିନରେ ସମସ୍ତ ଦଳୀୟ କର୍ମୀମାନଙ୍କୁ ଲୋକଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇ ସେମାନଙ୍କ ସୁଖଦୁଃଖରେ ସାଥୀ ହେବା ପାଇଁ ଦୃଢ଼ ସଙ୍କଳ୍ପ ନେବାକୁ ଆହ୍ୱାନ ଦିଆଯାଇଥିଲା।

# ୫୪୧ ହିତାଧିକାରୀଙ୍କୁ ବଣ୍ଟାଗଲା ରାଶନ କାର୍ଡ

## ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

ଭଦ୍ରକ,୨୪।୪(ସନାତନ ରାଉତ/ରବିନାରାୟଣ ଖ୍ଲାର)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଭଦ୍ରକ ଜିଲା ପ୍ରଶାସନ ସହାୟତାରେ ଚରମ୍ପାସ୍ଥିତ ଅଗ୍ରେସନ ଭବନରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସହ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସମାରୋହର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ଜିଲାର ୭ଟି ବ୍ଲକ ଓ ୪ଟି ପୌରାଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୫୪୧ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏଥିସହ ଜିଲାର ବିଭିନ୍ନ ବ୍ଲକର ଶ୍ରେଷ୍ଠ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଭ୍ୟ ମଳୟ ଜେନା ପ୍ରମୁଖ ଯୋଗ ଦେଇଥିଲେ।



ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

# ପଞ୍ଚାୟତିରାଜ ଦିବସ

ତିହିଡ଼ି, ୨୪।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଉଦ୍‌ଘାଟନ କରିଥିଲେ। ବିଡିଓ ନିରଞ୍ଜନ ବାରିକ, ସରପଞ୍ଚ ପ୍ରଦୀପ ବଳ, ନିହାରିକା ବିଶ୍ୱାଳ, ସମିତିସଭ୍ୟ ଶୁକଦେବ ମଲ୍ଲିକ, ଭାଜପା ନେତା ସିତାକାନ୍ତ ନାୟକ, ଉମାକାନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପଞ୍ଚାୟତରୁ ଯୋଗ ଦେଇଥିବା ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ ସଞ୍ଚାଳନ କରିଥିଲେ। ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ଭୀଷ୍ମଦେବ ଶତପଥୀ, ତନୁଜା ମିଶ୍ର, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ସମୀର ରଞ୍ଜନ ରାଉତ, ଏମ୍ଆଇ ପ୍ରୀତିଶ ସାମଲ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଯଶୋଦା ମଲ୍ଲିକ, କେଶବ ବେହେରା, ସାଇଶରଣ ବେହେରା, ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଜୟପ୍ରକାଶ ମଲ୍ଲିକ, ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, କାଉନସିଲର ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ତନ୍ମିତା କର, ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅନିଶ ରାୟ ସୁବୁଦ୍ଧି, ଗ୍ରାମପଞ୍ଚାୟତ ବିକାଶ ଅଧିକାରୀ ଅମିୟ ରଞ୍ଜନ ନାଥ, ବିପିଏମ୍ ଅଜୟ ବାରିକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୫ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ତେବେ ପଞ୍ଚାୟତରାଜି ଦିବସ କାର୍ଯ୍ୟକ୍ରମ ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ହୋଇଥିଲା। ବିଡିଓଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ଜୟପ୍ରକାଶ ମଲ୍ଲିକ, ସାମାଜିକ କର୍ମୀ ଉଦୟ ନାରାୟଣ ମଲ୍ଲିକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। କିଛି ସମୟ ପରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ପରେ ବିଧାୟକ ସଭାକୁ ଆସିଥିଲେ। ଭାଜପା ନେତା ବାଣୀକଲ୍ୟାଣ ମହାନ୍ତି ମଧ୍ୟ ସଭାରେ ପହଞ୍ଚିଥିଲେ। ପଞ୍ଚାୟତିରାଜ ଦିବସରେ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ଉପସ୍ଥାନ କମ୍ ଥିବା ଲକ୍ଷ୍ୟ କରାଯାଇଥିଲା। କାର୍ଯ୍ୟକ୍ରମ ବାବଦରେ ପଞ୍ଚାୟତ ପ୍ରତିନିଧିଙ୍କୁ ଠିକ୍ ସମୟରେ ଅବଗତ କରାଯାଇ ନ ଥିବା କହି ବ୍ଲକ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିବା ସହ ଜିଲାପାଳଙ୍କୁ ଫୋନ୍ ମାଧ୍ୟମରେ ଅବଗତ କରିଛନ୍ତି। ଏ ସମ୍ପର୍କରେ ବିଡିଓ କର ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଯାଇଛି ବୋଲି କହିଛନ୍ତି।

**ଧାମନଗର, (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ଏନ୍ଏସିସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଡିଓ ବନବିହାରୀ ଦିଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ଶହୀଦଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ରସାନନ୍ଦ ସାହୁ, ଅରବିନ୍ଦ ପତି, ଚତୁର୍ଭୁଜ ନାୟକ, ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାର, ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ଅସୁରାଳି ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ଧୁଷୁରୀ ମଣ୍ଡଳର ଅନିରୁଦ୍ଧ ସାହୁ, କର୍ମୀ ଅଜୟ ବଳ ପ୍ରମୁଖ ଉପସ୍ଥିତ ଥିଲେ। ୧୯ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା।

**ଭଣ୍ଡାରିପୋଖରୀ,(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ଓ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୩୦ ହିତାଧିକାରୀଙ୍କୁ ରାଶନ କାର୍ଡ ବିତରଣ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁ ସ୍ୱାଗତ ଭାଷଣ ଓ ବ୍ଲକ ଯୋଗାଣ ଅଧିକାରୀ ହିମାଂଶୁ ଦାସ ଧନ୍ୟବାଦ ଦେଇଥିଲେ। ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସମିତିସଭ୍ୟ ଜଗତଜୀବନ ବାରିକ, ଗିରିଶ ସାମଲ, ରାମଚନ୍ଦ୍ର ସେନାପତି, ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଚାନ୍ଦବାଲି, (କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ ସହ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଭବତୋଷ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତି ସୂତାର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ, ସରପଞ୍ଚ ସୁରଭି ନାୟକ, ସମିତିସଭ୍ୟ ପ୍ରିୟରଞ୍ଜନ ଜେନା, ଅଭୟ ବଳ, ଶରତ ବେହୁରିଆ, ପାରିଷଦ ଚନ୍ଦନ ରାଉତ ଉପସ୍ଥିତ ଥିଲେ। ଯନ୍ତ୍ରୀ ଅମିୟ ପଲାଇ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ମୀନକେତନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଭାଜପା ଜିଲା ସମ୍ପାଦକ କମଳାକାନ୍ତ ସୂତାର, କିଶୋର ନାୟକ, ଏନ୍ଏସି ସଭାପତି ବିକାଶ କୁମାର ବେହେରା, ସନ୍ଦୀପ ନାୟକ, ତ୍ରିଦୀବେଶ ପ୍ରଧାନ, ସ୍ୱଦେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଚାନ୍ଦବାଲିରେ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉଛି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

ଭଦ୍ରକ,୨୪।୪ (ସନାତନ ରାଉତ)

ଭଦ୍ରକ ବ୍ଲକ ଅଧୀନ ବିଷ୍ଣୁପୁରବିନ୍ଧା ପଞ୍ଚାୟତର ପୁରୁପୁ ମୁଣ୍ଡାସାହିରେ ୪ ଦିନ ତଳେ ଅଗ୍ନିକାଣ୍ଡ ଘଟିଥିଲା। ଅମୂଲ୍ୟ ମୁଣ୍ଡାଙ୍କ ୨ବଖରା ଘର ଜଳିଯାଇଥିଲା। ତାଙ୍କ ପରିବାର ଖୋଲା ଆକାଶ ତଳେ ଦିନ କାଟୁଥିବା ଖବର ପାଇ ସାମାଜିକ କର୍ମୀ ରାମଚନ୍ଦ୍ର ବେହେରା ବିପନ୍ନଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ ସହ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ତାଙ୍କ ଘର ନିର୍ମାଣ ପାଇଁ ସବୁ ଅର୍ଥରାଶି ସେ ବହନ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ଏଥିପାଇଁ ସେ ଯୁବ ସମାଜସେବା ସଙ୍ଗଠନର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେଇଛନ୍ତି।

## ଶ୍ରଦ୍ଧାଞ୍ଜଳି ସଭା

ତିହିଡ଼ି,୨୪।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ହରସିଂହପୁର ଗ୍ରାମରେ ବିଶିଷ୍ଟ ପାଲାଗାୟକ ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପାଲାଗାୟକ ଗଣେଶ ଦାସ ପୌରୋହିତ୍ୟ କରିଥିଲେ। ତିହିଡ଼ି କଳିଙ୍ଗ କଳାକାର ସଂଘର ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଆରା ପାଲା ପରିବେଷଣ ପାଇଁ ବଂଶୀଧର ପରିଚୟ ପାଇଥିଲେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପାଲାଗାୟକ ଉପେନ୍ଦ୍ର ସାହୁ ଓ ପ୍ରାଣବନ୍ଧୁ ପରିଡ଼ା ସ୍ମୃତିଚାରଣ କରିଥିଲେ। ବାବାଜୀ ବେହେରା, ଅମର ସେଠୀ, ବିଷ୍ଣୁମୋହନ ବଳ, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଅବ୍ୟବସ୍ଥା ମଧ୍ୟରେ ପଞ୍ଚାୟତିରାଜ ଦିବସ ପାଳିଲେ


କାର୍ଯ୍ୟକ୍ରମ ଆରମ୍ଭ ସମୟରେ ଚେୟାର ଖାଲି ପଡ଼ିଛି।

ବନ୍ତ,୨୪।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବହୁ ଅବ୍ୟବସ୍ଥା ମଧ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସତ୍ତ୍ୱେ ବିଭିନ୍ନ ପଞ୍ଚାୟତରୁ ମହିଳାମାନେ ସକାଳ ସାଢ଼େ ୮ଟାରୁ ଆସି ବ୍ଲକରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମ ସକାଳ ୯ଟାରେ ହେବ ବୋଲି ସୂଚନା ଦିଆଯାଇଥିବା ବେଳେ ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ଆସିଥିବା ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ୩ରୁ ୪ଜଣ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଛାଡ଼ି ଦେଲେ ଆଉ କୌଣସି ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ନ ଥିଲେ। ଆରମ୍ଭରୁ ଟେଣ୍ଟ ଭିତରେ ବହୁ ଚେୟାର ଖାଲି ପଡ଼ିଥିଲା। କାର୍ଯ୍ୟକ୍ରମ ସରି ନ ଥିବାବେଳେ ସମ୍ପୂର୍ଣ୍ଣ ଚେୟାର ଖାଲି ହୋଇଯାଇଥିଲା। ଶେଷ ପର୍ଯ୍ୟାୟରେ କେବଳ କେତେଜଣ ହାତଗଣତି ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଛାଡ଼ିଦେଲେ ଆଉ କେହି ନ ଥିଲେ। ବିଶେଷକରି ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିବାକୁ ଥିବାବେଳେ ଶେଷ ସମୟରେ କୌଣସି ହିତାଧିକାରୀ କାର୍ଯ୍ୟକ୍ରମ ସ୍ଥଳରେ ନ ଥିବା ଦେଖାଯାଇଥିଲା।

ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, ଏମ୍‌ପି ପ୍ରତିନିଧି ସନ୍ତୋଷ କୁମାର ନାୟକ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତେବେ ଏଭଳି ଅବ୍ୟବସ୍ଥାକୁ ନେଇ ବ୍ଲକ ଅଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ସମିତିସଭ୍ୟ ବାରିକ ଏଭଳି ଅବ୍ୟବସ୍ଥାକୁ ନାପସନ୍ଦ କରିବା ସହ ବ୍ଲକର ସୁନାମ କ୍ଷୁଣ୍ଣ ହେଲା ବୋଲି କହିଥିଲେ। ଏହି ଅବସରରେ ସିଆର୍‌ପି ପାର୍ବତୀ ପ୍ରଧାନ ଓ ଶୁଭଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ ଯେ, ସିଆର୍‌ପିମାନେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଆସୁଥିବା ବେଳେ ସେମାନଙ୍କୁ ଦୀର୍ଘ ମାସ ହେବ ପାରିଶ୍ରମିକ ଦିଆଯାଇନାହିଁ। ରାଜ୍ୟ ସରକାର ସେମାନଙ୍କ ଦୁଃଖ ବୁଝି ତୁରନ୍ତ ପାରିଶ୍ରମିକ ପ୍ରଦାନ କରିବାକୁ ସେମାନେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବିପିଏମ୍ ଦୁର୍ଗା ପ୍ରସାଦ ଦାଶ, ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ଜିପିଡିଓ ସୁଚିସ୍ମିତା ବାରିକଙ୍କ ସମେତ ଅନ୍ୟ ଅଧିକାରୀ ଓ ମୁଖ୍ୟ କିରାଣି ଅନୱାର ଅଲୀ ହୋସେନ ଖାନ୍ ଉପସ୍ଥିତ ଥିଲେ। ଏସିପି ମିତ୍ରଭାନୁ ସ୍ୱାଇଁ, ରତ୍ନାକର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ରୋଗୀଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ


ଜିଲା ମୁଖ୍ୟ ଚିକିତ୍ସାଳୟରେ ଲୋକେ ହୋହଲ୍ଲା କରୁଛନ୍ତି।

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟରେ ଚାପିହୋଇ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ଘଟିବା ପରେ ପ୍ରତିକ୍ରିୟା...

### ପୁରୁଣା ଲିଫ୍ଟ ଲଗାଇ ନୂଆର ବିଲ୍ କରାଯାଇଛି

“୨୦୧୬ଠାରୁ ମେଡିସିନ ବିଭାଗରେ ଲାଗିଥିବା ଲିଫ୍ଟ ଅଚଳ ହୋଇପଡ଼ିଥିଲା। ଜିଲା ଉନ୍ନୟନ ସଂଘର୍ଷ କମିଟି ପକ୍ଷରୁ ବାରମ୍ବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ୨୦୨୧ ଡିସେମ୍ବରରେ ଲିଫ୍ଟ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା। ତେବେ ପୁରୁଣା ସରଞ୍ଜାମ ଯୋଗାଡ଼ କରି ଲିଫ୍ଟକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ସେତେବେଳର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମୟରେ ନୂଆ ଲିଫ୍ଟ ଲଗାଯାଇଥିବାର ବିଲ୍ କରାଯାଇଥିଲା ବୋଲି କମିଟି ସଦସ୍ୟ ଦେବୀକିଙ୍କର ଦେବଦାସ ପାଣିଗ୍ରାହୀ କହିଛନ୍ତି। ଅନେକ ସମୟରେ ଲିଫ୍ଟର ବିଭିନ୍ନ ସମସ୍ୟା ଦେଖାଯାଉଥିବା ବେଳେ ଉପଯୁକ୍ତ ମରାମତି କରା ନ ଯାଇ ଚଲାଯାଉଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସେ କହିଛନ୍ତି।

### ନୂତନ କୋଠାକୁ ମୁଖ୍ୟ ଚିକିତ୍ସାଳୟ କାହିଁକି ସ୍ଥାନାନ୍ତର କରାଯାଉନି: ସଞ୍ଜୀବ

“ଗେଲପୁରଠାରେ ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ବର୍ଷେ ତଳୁ ନିର୍ମାଣ ହୋଇ ସମସ୍ତ କାର୍ଯ୍ୟ ସରିଥିବା ବେଳେ ଡାକ୍ତରଖାନାକୁ କାହିଁକି ସେଠାକୁ ସ୍ଥାନାନ୍ତର କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ। ସେ ଭଦ୍ରକ ବିଧାୟକ ଥିବାବେଳେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିଲା। ସରକାର ବଦଳିବା ପରେ ପୁନର୍ବାର ରଙ୍ଗ କରାଯାଇଛି। ରଙ୍ଗ କାର୍ଯ୍ୟ ୬ ମାସ ପୂର୍ବରୁ ସରିଥିଲେ ମଧ୍ୟ ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ସ୍ଥାନାନ୍ତର କରାଯାଉନାହିଁ। ଏନେଇ ବିଧାନସଭାରେ ମଧ୍ୟ ସେ ପ୍ରଶ୍ନ କରିଥିଲେ। ନୂତନ କୋଠାରେ ସମସ୍ତ ବ୍ୟବସ୍ଥା ଥିବାବେଳେ ଏହି ପୁରୁଣା କୋଠାରେ ଚିକିତ୍ସା ସେବା ଚାଲିଥିବା ଯୋଗୁ ବିଭିନ୍ନ ସମୟରେ ଏପରି ଦୁର୍ଘଟଣା ଘଟୁଛି। ନୂତନ କୋଠାକୁ ସ୍ଥାନାନ୍ତର କରା ନ ଯାଇ ଲୋକଙ୍କୁ ମରିବା ପାଇଁ ଛାଡ଼ି ଦିଆଯାଉଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି।

### ଜିଲା ମୁଖ୍ୟ ଚିକିତ୍ସାଳୟ ଉପରୁ ତୁଟିଯାଉଛି ଭରସା: ପ୍ରଫୁଲ୍ଲ

“ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ବିଭାଗ ଗେଲପୁରସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର ହୋଇଥିବାବେଳେ ଅନ୍ୟ ବିଭାଗଗୁଡ଼ିକ ପୁରୁଣା କୋଠାରେ ଚାଲିଛି। ଫଳରେ ଗ୍ରାମାଞ୍ଚଳରୁ ଆସୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୁଣା ମେଡିକାଲକୁ ଆସୁଥିବା ରୋଗୀମାନଙ୍କୁ ଏଠାରେ ନୁହେଁ, ନୂଆ ଡାକ୍ତରଖାନାକୁ ଯାଅ ବୋଲି କୁହାଯାଉଛି। ନୂତନ କୋଠାକୁ ସ୍ଥାନାନ୍ତର ହେଉ ନ ଥିବାରୁ ଲୋକେ ଜାଣି ନ ପାରି ଏଠି ସେଠି ହୋଇ ହଇରାଣ ହେଉଛନ୍ତି। ଲୋକେ ଭଲ ହେବା ପାଇଁ ମେଡିକାଲ ଆସନ୍ତି, କିନ୍ତୁ ଏଠି ଭଲ ହେବା ବଦଳରେ ଲୋକଙ୍କ ଜୀବନ ଚାଲିଯାଉଛି। ଅପରପକ୍ଷେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ମଧ୍ୟ ବ୍ୟାହତ ହେଉଛି। ଏହି କାରଣରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରୁ ଲୋକଙ୍କ ଭରସା ତୁଟିଯାଉଛି। ଲୋକେ ଏବେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନ ଆସି କଟକ, ଭୁବନେଶ୍ୱର ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି।

### ତଦନ୍ତ ପାଇଁ କମିଟି ଗଠନ କରାଯାଇଛି: ଜିଲାପାଳ

“ଏହି ଦୁର୍ଘଟଣା ପାଇଁ କିଏ ଦାୟୀ, ସେନେଇ ତଦନ୍ତ କରିବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। କମିଟିର ଅଧ୍ୟକ୍ଷ ଭାବେ ଉପଜିଲାପାଳଙ୍କୁ ରଖାଯାଇଛି। ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି।

ରିପୋର୍ଟ: ସନାତନ ରାଉତ, ଭଦ୍ରକ

## ହନୁମାନଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଧୁଷୁରୀ,୨୪।୪ (ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର କୁଳେଇପଦାରେ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାଲିଛି। ସୋମବାର ଅଧିବାସ କଳସ ଯାତ୍ରା ଓ ମଙ୍ଗଳବାର ୧୦୮ ମହିଳା ଶୋଭାଯାତ୍ରାରେ ଯାଇ ବୈତରଣୀରେ କଳସ ବୁଡ଼ାଇଥିଲେ। ପରେ ପୂଜା ମଣ୍ଡପରେ କଳସ ସ୍ଥାପନ, ଚଣ୍ଡିପାଠ ସହ ହନୁମାନ ଚାଳିଶା ପଠନ ହୋଇଥିଲା। ଅପରାହ୍ନରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ବିଗ୍ରହକୁ ମନ୍ଦିରରେ ସ୍ଥାପନ ପୂର୍ବରୁ ନଗର ପରିକ୍ରମା କରାଯାଇଥିଲା। ବୁଧବାର ପ୍ରଭାତରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ସହ ସୂର୍ଯ୍ୟପୂଜା, ପ୍ରଭୁଙ୍କୁ ମହାସ୍ନାନ କରାଯାଇ ବିଧି ମୁତାବକ ବିଗ୍ରହ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ନବଯୌବନ ଦର୍ଶନ ସହ ଯଜ୍ଞ ହୋଇଥିଲା। ପ୍ରତି ସନ୍ଧ୍ୟାରେ ପ୍ରବଚକ ବଲ୍ଲଭାଚାର୍ଯ୍ୟ ମହାରାଜ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପ୍ରବଚନ ସାଙ୍ଗକୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବା ସହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହେବ। ପୁରୋହିତ ପଣ୍ଡିତ ବସନ୍ତ କୁମାର ଶତପଥୀ, ଅକ୍ଷୟ ଶତପଥୀ, ଶଙ୍କର୍ଷଣ ଦାଶ, କାଳୀ ପ୍ରସାଦ ଶତପଥୀ, ସୁଶାନ୍ତ କୁମାର ଶତପଥୀ, ନିରଞ୍ଜନ ସାଏନ୍ତ, ବିଚିତ୍ରାନନ୍ଦ ପଣ୍ଡା ଓ ଅଚ୍ୟୁତାନନ୍ଦ ଶତପଥୀ ପୂଜା କାର୍ଯ୍ୟ ନିର୍ବାହ କରୁଛନ୍ତି।

## ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ପରଲୋକ

ବାସୁଦେବପୁର, ୨୪।୪(କାଳିପଦ ରାୟ)


ଉମାକାନ୍ତ ପାଢ଼ୀ।

ବାସୁଦେବପୁର ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ଉମାକାନ୍ତ ପାଢ଼ୀ(୭୬)ଙ୍କ ବୁଧବାର ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କ ପୈତୃକ ଘର ଅରଣ୍ଡୁଆ ପଞ୍ଚାୟତର ବଛିପୁରରେ ହୋଇଥିବାବେଳେ ସେ ପୂର୍ବରୁ ସରପଞ୍ଚ ଓ ଜିଲା ପରିଷଦ ସଭ୍ୟ ଥିଲେ। କିଛିଦିନ ତଳେ ସେ ଅସୁସ୍ଥ ଥିବାରୁ ପ୍ରଥମେ ଭୁବନେଶ୍ୱର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗୁରୁବାର ସକାଳେ ତାଙ୍କ ମରାଶରୀର ବାସୁଦେବପୁରରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ଓ ବାସୁଦେବପୁର କୋର୍ଟ ପରିକ୍ରମା କରାଯାଇଥିଲା। ବିଧାୟକ ଅଶୋକ କୁମାର ଦାସ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, କାଉନସିଲର ଭକ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ମଞ୍ଜୁଲତା ପଣ୍ଡା, ପ୍ରଶାନ୍ତ ଦଳେଇ, ରାଜେନ୍ଦ୍ର ଘଡ଼େଇଙ୍କ ସହ ବହୁ କଂଗ୍ରେସ କର୍ମୀ ଶେଷଦର୍ଶନ କରିଥିଲେ। ପୈତୃକ ଗ୍ରାମରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସ୍ୱର୍ଗତ ପାଢ଼ୀଙ୍କ ପୁଅ ବିଭୁକଲ୍ୟାଣ ପାଢ଼ୀ ହାଇକୋର୍ଟରେ ପ୍ରୋଟୋକଲ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି।

## ନବାହ୍ନ ପାରାୟଣ ଉଦ୍‌ଯାପିତ

ଭଣ୍ଡାରିପୋଖରୀ,୨୪।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଜଳହରିଶାସନ ଗ୍ରାମରେ ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ନବଦିବସୀୟ ପାରାୟଣରେ ବ୍ୟାସ ଭାବେ ରଘୁନାଥ ମିଶ୍ର ଓ ଉପବ୍ୟାସ ଭାବେ ନିଶିଥ କୁମାର ପତି ଦାୟିତ୍ୱ ତୁଲାଇଥିଲେ। ହିମାଂଶୁ ଦାସ ମହାରାଜ, ମଗୁଲି ଦାସ ମହାରାଜ, ମାନସ ଦାସ, କମଳ ଲୋଚନ ଦାସ ମହାରାଜ ବିଭିନ୍ନ ଦିବସରେ ପ୍ରବଚନ ପ୍ରଦାନ କରିଥିଲେ।

# ମୃତକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

ଚାନ୍ଦବାଲି,୨୪।୪(କିଷାନ ପାତ୍ର)

ଜମ୍ମୁ କଶ୍ମୀରର ପହଲଗାମ୍‌ଠାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଚାନ୍ଦବାଲି ବଜରଙ୍ଗ ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଚାନ୍ଦବାଲି ଖଣ୍ଡ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କାଳୀମନ୍ଦିର ନିକଟରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମହମବତି ଶୋଭାଯାତ୍ରା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶତାଧିକ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ସୂର୍ଯ୍ୟକାନ୍ତ ନାୟକ, ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ଭାଜପା ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଯୁବନେତା ବିଜୟ ବେହେରା, ଦେବ ଦେବାଶିଷ ନାୟକ, ଶଶିକାନ୍ତ ମଲ୍ଲିକ, ବିଶ୍ୱନାଥ ସୂତାର, ସନ୍ତୋଷ ବାରିକ, ଅଭୟ ସାମଲ, ଜଗନ୍ନାଥ ରାଉତ, ନୀଳମଣି ପଣ୍ଡା, ପୁଷ୍ପକ କୁମାର ସାହୁ, ଦିବେନ୍ଦୁ ମହାପାତ୍ର, ସସ୍ମିତା ଦାସ, ରତିକାନ୍ତ ନାୟକ, ବାବୁ ବେହେରା, ଶୁଭେନ୍ଦୁ ମହାନ୍ତି, କ୍ଷୀରୋଦ ମହଲା ପ୍ରମୁଖ ଏଥିରେ ସାମିଲ ଥିଲେ।


ଶୋଭାଯାତ୍ରାରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା।

# ଲୁହରେ ଭିଜିଲା ବାଲେଶ୍ୱର



ପ୍ରଶାନ୍ତଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ବାଲେଶ୍ୱର,୨୪।୪(ବାଞ୍ଛାନିଧି ଦେ)**

- ଅଶ୍ରୁଳ ବିଦାୟ ଜଣାଇଲା ଜନ୍ମମାଟି
- କାନ୍ଦବୋବାଳିରେ ଫାଟିପଡ଼ିଲା ପରିବେଶ
- ଶେଷଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ
- ପରିବାରକୁ ୨୦ଲକ୍ଷ ସହାୟତା, ସ୍ତ୍ରୀଙ୍କୁ ସରକାରୀ ଚାକିରି

ବାଲେଶ୍ୱର ଜିଲା ଇଶାଣୀ ଗାଁ ଶ୍ମଶାନରେ ଜଳିଲା ଆତଙ୍କବାଦୀ ଗୁଳିର ଶିକାର ହୋଇଥିବା ପ୍ରଶାନ୍ତଙ୍କ ଚିତା। ଅଶ୍ରୁଳ ବିଦାୟ ଜଣାଇଲା ଜନ୍ମମାଟି। ପୁଅ ମୁଖାଗ୍ନି ଦେବା ପରେ ପଞ୍ଚଭୂତରେ ବିଲୀନ ହୋଇଛନ୍ତି ପ୍ରଶାନ୍ତ ଶତପଥୀ। ଶେଷ ଯାତ୍ରାରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା, ସ୍ତ୍ରୀଙ୍କୁ ସରକାରୀ ଚାକିରି ଏବଂ ପୁଅର ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପ୍ରଶାନ୍ତଙ୍କ ପାର୍ଥିବ ଶରୀର ବୁଧବାର ରାତିରେ ଜମ୍ମୁ-କଶ୍ମୀରରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ତାଙ୍କ ମରଶରୀରକୁ ଅଣାଯାଇ ଗୁରୁବାର ଭୋର ସମୟରେ ଜନ୍ମମାଟି ଇଶାଣୀରେ ପହଞ୍ଚିଥିଲା। ଏକ ବିଶାଳ ଶୋଭାଯାତ୍ରାରେ ଖୋଳ କୀର୍ତ୍ତନ କରି ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯାଇଥିଲା। କାନ୍ଦବୋବାଳିରେ ଫାଟିପଡ଼ିଲା ପରିବେଶ। ସ୍ୱାମୀଙ୍କ ଏଭଳି ମୃତ୍ୟୁରେ ପାଗଳପ୍ରାୟ ହୋଇଯାଇଛନ୍ତି ସ୍ତ୍ରୀ ପ୍ରିୟଦର୍ଶିନୀ। କାନ୍ଦି କାନ୍ଦି ବାରମ୍ବାର ଚେତାଶୂନ୍ୟ ହୋଇପଡୁଥିଲେ। ଛୁଟି କାଟିବାକୁ ଖୁସିରେ କଶ୍ମୀର ଯାଇଥିବା ପୁଅ ଶବ ହୋଇ ଫେରିବା ପରେ କେହି ବି କୋହ ସମ୍ଭାଳି ପାରି ନ ଥିଲେ। ହସଖୁସିରେ ବୁଲିବାକୁ ଯାଇଥିବା ଯାତ୍ରା ଯେ ଶେଷଯାତ୍ରା ହୋଇଯିବ ସେ କଥା କିଏ ଜାଣିଥିଲା। ବୃଦ୍ଧା ମା', ଭାଇ, ଭାଉଜ, ଭଉଣୀ, ଭିଣୋଇ, ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଆତ୍ମୀୟସ୍ୱଜନ ଏବଂ ଗାଁ ଲୋକେ ପ୍ରଶାନ୍ତଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ପ୍ରଶାନ୍ତଙ୍କ ୯ ବର୍ଷର ପୁଅ ମୁଖାଗ୍ନି ଦେଇଥିଲେ। କିଛି ଜାଣି ନ ଥିଲେ ବି ସେ ବିଧିବିଧାନ ଅନୁସାରେ ଅନ୍ତିମ କ୍ରିୟା କରିଛନ୍ତି। ପ୍ରଶାନ୍ତଙ୍କ କୋକେଇ ଆଗେ ଆଗେ ଖଇ କଉଡ଼ି ବିଞ୍ଚି ବିଞ୍ଚି ସେ ଶ୍ମଶାନକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଶବାଧାର ସହିତ ଚାଲି ଚାଲି ଶ୍ମଶାନକୁ ଯାଇଥିଲେ। ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ ଦାସ ଓ ସୁଧାଂଶୁ ଶେଖର ପରିଡ଼ା, ଯୁବନେତା ବିକ୍ରମ ପଣ୍ଡା, ମହିଳା ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଏସ୍‌ପି ରାଜ ପ୍ରସାଦ, ସିପେଟ୍‌ର ସମସ୍ତ ଅଧିକାରୀ ପ୍ରମୁଖ ସାମିଲ ଥିଲେ। ହଜାର ହଜାର ଲୋକ ତାଙ୍କ ଶେଷଯାତ୍ରାରେ ସାମିଲ ହୋଇଥିଲେ। ଜନସମୁଦ୍ର ପାଲଟିଥିଲା ଇଶାଣୀ ଗାଁ।

ହେଲିକପ୍ଟର ଯୋଗେ ଗୁରୁବାର ଭୁବନେଶ୍ୱରରୁ ଆସି ବାଲେଶ୍ୱର ପଦ୍ମାବତୀ ପାର୍କସ୍ଥିତ ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ ମୁଖ୍ୟମନ୍ତ୍ରୀ। ସେଠାରୁ କାର୍ ଯୋଗେ ଦଳୀୟ ନେତୃବୃନ୍ଦଙ୍କ ସହ ଇଶାଣୀ ଗାଁରେ ପହଞ୍ଚିଥିଲେ। ମୃତକଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିବାରବର୍ଗଙ୍କୁ ସମବେଦନା ଜଣାଇ ପ୍ରାୟ ୨୦ ମିନିଟ୍ ସମୟ ଅତିବାହିତ କରିଥିଲେ। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କ ପରିବାରର ଦୁଃଖ ଦେଖି ମୁଁ ଗଭୀର ମର୍ମାହତ। ପ୍ରଶାନ୍ତଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା, ସ୍ତ୍ରୀଙ୍କ ପାଇଁ ସରକାରୀ ଚାକିରି ସହ ପୁଅର ପାଠପଢ଼ା ପାଇଁ ଆବଶ୍ୟକ ବ୍ୟବସ୍ଥା ରାଜ୍ୟ ସରକାର କରିବେ ବୋଲି ଘୋଷଣା କରିଥିଲେ। ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ନୌସେନା ଓ ସ୍ଥଳସେନାର ଅଧିକାରୀ ଶ୍ମଶାନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନୌସେନା କମାଣ୍ଡର ସୁଦୀପ କୁମାର ସାହୁ ମୃତ ପ୍ରଶାନ୍ତଙ୍କ ପରିବାରର ଯେକୌଣସି ସଦସ୍ୟାସଦସ୍ୟଙ୍କୁ ସରକାରୀ ଭାବେ ଏନ୍‌ସିସି ଅଫିସିଆଲସ୍ତରୀୟ କଟକ ଗ୍ରୁପ୍‌ରେ ଏକ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ କଳିଙ୍ଗ କମର୍ସିଆଲ କର୍ପୋରେଶନ୍ ଲିମିଟେଡ୍ (କେସିପିଏଲ୍)ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡ. ସୌମ୍ୟରଞ୍ଜନ ସାମଲଙ୍କ ପରାମର୍ଶକ୍ରମେ ଆଡ୍‌ମିନିଷ୍ଟ୍ରେଶନ୍ ଡାଇରେକ୍ଟର ଅର୍ଚ୍ଚନା ସାମଲ ପହଞ୍ଚି କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ରାଶି ୧୦ଲକ୍ଷ ଟଙ୍କାର ଚେକ୍ ପ୍ରଶାନ୍ତଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସ୍ତ୍ରୀ ପ୍ରିୟଦର୍ଶିନୀଙ୍କୁ କମ୍ପାନୀରେ ନିଯୁକ୍ତି ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ମାନବ ସମ୍ବଳ ବିଭାଗର ଜିଏମ୍ ଅପର୍ଣ୍ଣା ଶ୍ରୀବାସ୍ତବ, ସିନିୟର ମ୍ୟାନେଜର ଅରୁନ୍ଧତି ଚୌଧୁରୀ, ଡେପୁଟି ମ୍ୟାନେଜର ବିଭୁ ପ୍ରସାଦ ସାହୁ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ(୪୧) ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗତ ୧୯ ତାରିଖରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୯ ବର୍ଷୀୟ ପୁଅ ତନୁଜଙ୍କୁ ନେଇ ଜମ୍ମୁ କଶ୍ମୀର ବୁଲିବା ପାଇଁ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମର ବୈସାରନ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।



ସ୍ୱାମୀଙ୍କୁ ଅଶ୍ରୁଳ ବିଦାୟ ଦେଉଛନ୍ତି ସ୍ତ୍ରୀ ପ୍ରିୟଦର୍ଶିନୀ।



ପ୍ରଶାନ୍ତଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।



ଦୁଃଖରେ ମ୍ରିୟମାଣ ପ୍ରଶାନ୍ତଙ୍କ ମା'।

## ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ

**ସିମୁଳିଆ, ୨୪।୪(ସନ୍ତୋଷ ନାୟକ):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ଗୋପୀନାଥ ଖାଖାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାପରିଷଦ ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ଉପାଧ୍ୟକ୍ଷା ହିମାଦ୍ରୀ ନନ୍ଦିନୀ ମହାପାତ୍ର, ସିଡିପିଓ ସ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୨୦ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା।

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ):** ବାଲିଆପାଳ ବ୍ଲକ ପରିସରରେ ଗୁରୁବାର ପ୍ରଶାସନ ପକ୍ଷରୁ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସହିତ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଛି। ୪୫ ଜଣ ନୂଆ ରାଶନ କାର୍ଡଧାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ରାଶନ କାର୍ଡ ବଣ୍ଟନ କରଯାଇଥିଲା। ଏହି ଅବସରରେ ବାଲିଆପାଳ ଏବିଡିଓ ଶରତ ଚନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲିଆପାଳ ତହସିଲଦାର ତଥା ବାଲିଆପାଳ ବିଡିଓ ଦାୟିତ୍ୱରେ ଥିବା ସାଇଶ୍ରୀ ଲୋକନାଥ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଲ ବାରିକ, ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଯୋଗ ଦେଇଥିଲେ। ଜିପିଓ ପ୍ରିୟବ୍ରତ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ।

**ଭୋଗରାଇ(ପ୍ରଦୀପ ଦାସ):** ଜାତୀୟ ପଞ୍ଚାୟତିରାଜ ଦିବସରେ ଭୋଗରାଇ ବ୍ଲକରେ ୨୦ ଜଣଙ୍କୁ ନୂତନ ରାଶନ କାର୍ଡ଼ ପ୍ରଦାନ କରାଯାଇଥିବା ବେଳେ ଲକ୍ଷପତି ଦିଦି, ସ୍ୱଚ୍ଛ ଭାରତ, ଏମ୍‌ଜିଏନଆରଇଜିଏସ୍, ଆବାସ ଯୋଜନାରେ ଅନେକ ପଞ୍ଚାୟତକୁ ମାନପତ୍ର ଦିଆଯାଇଥିଲା। ଏହି ଅବସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଭାରପ୍ରାପ୍ତ ବିଡିଓ ସୂର୍ଯ୍ୟ କୁମାର ନାୟକ, ସହକାରୀ ଯନ୍ତ୍ରୀ ପପୁ ଭୂୟାଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଏମ୍‌ପି ପ୍ରତିନିଧି ଆଶିଷ କୁମାର ପାତ୍ର ପ୍ରମୁଖ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

**ଜଳେଶ୍ୱର(ନବୀନ ସାହୁ):** ଗୁରୁବାର ଜଳେଶ୍ୱର ବ୍ଲକସ୍ଥିତ ଶାନ୍ତିଆ ଷ୍ଟାଡିୟମରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ନୂଆ ରାଶନକାର୍ଡ ବଣ୍ଟନ କରାଯାଇଛି। ଏଥିରେ ଜଳେଶ୍ୱର ବ୍ଲକରେ ୩୫ ଏବଂ ଜଳେଶ୍ୱର ପୌରପାଳିକାର ୧୭ଟି ରାଶନ କାର୍ଡ ଜଳେଶ୍ୱର ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ଅବନ୍ତିକା ସାହୁଙ୍କ ସହାୟତାରେ ବଣ୍ଟନ କରାଯାଇଛି। ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ଜଳେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଏବଂ ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରତୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଖଇରା(ଉତ୍କଳବନ୍ଧୁ ପଣ୍ଡା):** ଖଇରା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଧାୟକ ପଦ୍ମଲୋଚନ ପଣ୍ଡା ବହୁ ବିଳମ୍ବରେ ପହଞ୍ଚି ୧୬ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ଜିଲା ପରିଷଦ ମାନସ କୁମାର ଦାଶ, ଯୋଗାଣ ବିଭାଗ ଅଧିକାରିଣୀ ସୁଭସିନୀ ସାହୁ, ସିଡିପିଓ ଉର୍ମିଳା ବେହେରା, ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ, ସିପି ଶଶିକାନ୍ତ ଦାସ, ଅନନ୍ତ କୁମାର କୁଅଁର, ବିଏସଏସଓ ସରୋଜ କୁମାର ନାୟକ, ଜିପିଓ ଅଶୋକ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ):** ନୀଳଗିରି ଇନଡୋର ଷ୍ଟାଡିୟମ୍‌ଠାରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଅତିଥିପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଡିଓ ବିକ୍ରମ କେଶରୀ ପରିଡ଼ା ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସରରେ ୭୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା, ୩୫ଜଣଙ୍କୁ ରାଶନ କାର୍ଡ, ୨୫ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ, ବିଭିନ୍ନ ବିଦ୍ୟାଳୟ ଏବଂ ଅନୁଷ୍ଠାନକୁ ୧୨ଟି ପଟ୍ଟା ଦିଆଯାଇଥିଲା। ବ୍ଲକ୍ ଓ ତହସିଲ ପକ୍ଷରୁ ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ହଜ୍ ଯାତ୍ରାରେ ଯିବେ ୩ ଜିଲାରୁ ୪୯ ଶ୍ରଦ୍ଧାଳୁ

### ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ଟୀକାକରଣ ଶିବିର

**ବାଲେଶ୍ୱର,୨୪।୪(ବାଞ୍ଛାନିଧି ଦେ)**

ସାଉଦି ଆରବର ଧର୍ମପୀଠ ମକ୍କା ଏବଂ ମଦିନାକୁ ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରୁ ୪୯ ଶ୍ରଦ୍ଧାଳୁ ଆସନ୍ତା ମେ' ୨୮ରୁ ହଜ୍ ଯାତ୍ରା କରିବେ। ଏହି ଅବସରରେ ଇସ୍‌ଲାମ ଧର୍ମାବଲମ୍ବୀ ହଜ୍ ଯାତ୍ରୀଙ୍କ ପାଇଁ ରବିବାର ସହରସ୍ଥିତ ଘରୋଇ ହୋଟେଲ ପରିସରରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା 'ରାଜ୍ୟ ହଜ୍ କମିଟି' ଓ ବାଲେଶ୍ୱର 'ଖୁଦାମୁଲ ହୁଜାଜ କମିଟି' ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଅନୁଷ୍ଠାନ ସଭାପତି ହାଜି କମାଲ ଜାଫର ପୌରୋହିତ୍ୟ କରିଥିଲେ। ୱାକଫ ବୋର୍ଡର ପ୍ରଶାସନିକ ଅଧିକାରୀ ହାଜି ସୈୟାଦ ଅବଦୁଲ ଅକଦସ ଯୋଗଦେଇ ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଭାବେ ହାଜି ସୟଦ୍ ଅବଦୁଲ ମସଜୁଦ ଯାତ୍ରାର ନିୟମାବଳୀ ସମ୍ପର୍କରେ ଅବଗତ କରିଥିଲେ। ଖୁଦାମୁଲ ହୁଜାଜ କମିଟି ସମ୍ପାଦକ ଇନ୍ତେଖାବ ଅଲୀ ଖାଁ, ଉପସଭାପତି ହାଜି ମଇନୁଲ ଇସଲାମ ଓ ମହମ୍ମଦ ମୁକ୍ତାର ଅହମ୍ମଦ, ରାଜ୍ୟ ହଜ କମିଟି ସଭ୍ୟ ତବରେଜ ଖାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମୌଲାନା ଆସିକୁର ରହେମାନ କୋରାନ ପାଠ କରିଥିଲେ। ଶେଷରେ ଖୁଦାମୁଲ ହୁଜାଜ କମିଟି ଉପସଭାପତି ହାଜି ଶେଖ ଜମାଲ ଧନ୍ୟବାଦ ଦେଇଥିଲେ। ଚଳିତବର୍ଷ ବାଲେଶ୍ୱର ଜିଲାରୁ ୧୨, ଭଦ୍ରକରୁ ୩୧ ଓ ମୟୂରଭଞ୍ଜରୁ ୬ ଯାତ୍ରୀ ହଜ୍ ପାଇଁ ଯିବେ। ଯାତ୍ରୀମାନେ ନିଜ ନିଜ ମୋବାଇଲ ଫୋନ୍‌ରେ 'ହଜ ସୁବିଧା' ଆପ୍ ଡାଉନଲୋଡ କରି ସମସ୍ତ ପ୍ରକାର ତଥ୍ୟ ପାଇପାରିବେ। ୪୫ ଦିନ ହଜ୍ କରିବା ପରେ ସମସ୍ତ ଯାତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଧାନ କିଣାରେ ଅନିୟମିତତା ନେଇ ତଦନ୍ତ

**ବେତନଟୀ,୨୪।୪(ଧରଣୀଧର ମହାନ୍ତି)**

୨୦୨୪-୨୫ ଆର୍ଥିକ ବର୍ଷରେ ଚାଷୀମାନଙ୍କ ଧାନ ବିକ୍ରୟ ସମୟରେ ବେତନଟୀ ବ୍ଲକ ଅଞ୍ଚଳର ସରକାରୀ ଧାନ ମଣ୍ଡି ମାନଙ୍କରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି।

ମଣ୍ଡିମାନଙ୍କରେ ସରକାରଙ୍କ ନିର୍ଦ୍ଦେଶ (କଟଣି,ଛଟଣି ବନ୍ଦ)କୁ ଭ୍ରୁକ୍ଷେପ ନ କରି ପ୍ରତି ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୮ କିଲୋରୁ ୧୫କିଲୋ ପର୍ଯ୍ୟନ୍ତ କଟଣି,ଛଟଣି କରାଯାଉଥିବା ଚାଷୀ ମହଲରେ ଅଭିଯୋଗ ଉଠିଥିଲା। ଧାନ ମଣ୍ଡିକୁ ଚାଷୀ ଧାନ ନେଇଗଲେ ମଣ୍ଡିରେ ଧାନ ନ ନେଇ ଚାଷୀଙ୍କ ଗାଡିରେ ମିଲ ପର୍ଯ୍ୟନ୍ତ ଧାନ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଥିଲା। ଚାଷୀ ମିଲକୁ ଧାନ ନେଇ ନ ଗଲେ ସେବାବଦରେ ଟଙ୍କା କାଟି ତାଙ୍କୁ ଶୋଷଣ କରାଯାଉଥିଲା। ଏଭଳିକି ଧାନ ମଣ୍ଡିରେ ଧାନର ମାନ ଖରାପ କହି ଧାନ ନ କିଣି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ହତାଶ କରାଯାଉଥିଲା। କିଛି କ୍ଷେତ୍ରରେ ଦିନତମାମ ଅପେକ୍ଷା କରାଇ ଚାଷୀ ହତାଶ ହେବା ପରେ ମିଲରଙ୍କ ସର୍ତ୍ତ ଅନୁସାରେ କଟଣୀ ଛଟଣି ପାଇଁ ଚାଷୀ ରାଜି ହେବା ପରେ ଯାଇ ଧାନ କିଣା ଯାଉଥିଲା। ଏଭଳି କି ଏଫ.ଏ.କ୍ୟୁ ମାନର ଧାନ ହେବା ପରେ ମଧ୍ୟ ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୮ କେଜି ଧାନ କଟା ଯିବାର ନଜରକୁ ଆସିଛି। ଏବାବଦରେ ଚାଷୀ ମୟୂରଭଞ୍ଜ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ। ଏଭଳି ଏକ ଘଟଣା ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଲିଂ, ବୈଶିଙ୍ଗା ଅଧୀନ ପର୍ତୁଳିପୁରା ସରକାରୀ ଧାନ ମଣ୍ଡିକୁ ନେଇ ଅଭିଯୋଗ ହୋଇଛି। ସୀଙ୍ଗିଳାମୁଣ୍ଡୁଳି ଗ୍ରାମର ପ୍ରକାଶ କୁମାର ଲେଙ୍କା ଏହି ଅଭିଯୋଗ କରିଥିଲେ। ଗତ ମଙ୍ଗଳବାର ବିଭାଗୀୟ ଜିଲା ଅଧିକାରୀଙ୍କ ପକ୍ଷରୁ ବୈଶିଙ୍ଗା ବହୁମୁଖୀ ସମବାୟ ସମିତିରେ ତଦନ୍ତ ଆରମ୍ଭ ହୋଇଛି ।

ଅଭିଯୋଗ ଅନୁସାରେ ଗତ ଫେବୃଆରୀ ୨୫ ତାରିଖରେ ଏହି ଗ୍ରାମ ପ୍ରକାଶ କୁମାର ଲେଙ୍କା ଓ ତାଙ୍କ କକା ଜ୍ଞାନରଞ୍ଜନ ଲେଙ୍କା ମିଳିତ ଭାବେ ପର୍ତୁଳିପୁରା ସରକାରି ଧାନ ମଣ୍ଡିକୁ ଧାନ ବିକ୍ରି ପାଇଁ ଯାଇଥିଲେ। ମଣ୍ଡି ରେ ଓଜନ ପରେ ଦୁଇଥରରେ ମୋଟ ୫୫ କୁଇଣ୍ଟାଲ ୨କେଜି ହୋଇଥିଲା। ଓଜନ ଚାଲିଥିବା ବେଳେ ପ୍ରକାଶ ସାଧା କାଗଜରେ ହିସାବ ଲେଖି ରଖିଥିବା ବେଳ ମଣ୍ଡି ପକ୍ଷରୁ ମଧ୍ୟ ଏକ ସାଧା କାଗଜରେ ୫୦ କୁଇଣ୍ଟାଲ ୭୦ କେଜିର ଏକ ଚିଠା ପ୍ରଦାନ କରାଯାଇଥିଲା। ମୋଟ ଧାନରୁ ୪ କୁଇଣ୍ଟାଲ ୩୨ କିଲୋ କଟା ଯିବା ସମ୍ପର୍କରେ ମଣ୍ଡି ଦାୟିତ୍ୱରେ ଥିବା ସମବାୟ ସମିତି କର୍ମଚାରୀଙ୍କୁ ପଚାରିବାରୁ ସମସ୍ତଙ୍କର ଯାହା କଟାଯାଇଛି ଆପଣଙ୍କର ମଧ୍ୟ ସେତିକି କଟା ଯାଇଛି ବୋଲି ସେ ଉତ୍ତର ରଖିଥିଲେ। ତା ସହିତ ନିଜଗାଡିରେ ଧାନ ନେଇ ମିଲକୁ ଯାଇ ଦେବାକୁ କହିଥିଲେ। ସେ ଏଥିରେ ରାଜି ନ ହେବାରୁ ତାଙ୍କ ଠାରୁ ୨୦୦ ଟଙ୍କା ଭଡ଼ା ବାବଦରେ ନେଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏହି ଅଭିଯୋଗ ପରେ ଗତ ମଙ୍ଗଳବାର ଏଆରସିଏସ ଅଫିସର ଇନ୍ସପେକ୍ଟର ଦୀପକ କୁମାର ଟୁଡୁ ଅଭିଯୋଗ କାରି ପ୍ରକାଶ କୁମାର ଲେଙ୍କାଙ୍କ ଉପସ୍ଥିତିରେ ବୈଶିଙ୍ଗା ସମବାୟ ସମିତିରେ ତଦନ୍ତ କରିଥିଲେ।

## ସୁନାଗହଣା, ନଗଦ ଟଙ୍କା ନେଇ ଛୁ

**ଭୋଗରାଇ, ୨୪।୪(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମର ସୁଜିତ ପାତ୍ରଙ୍କ ଘରେ ବୁଧବାର ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ କଳାକନା ବୁଲାଇ ନଗଦ ୧୨ ହଜାର ଟଙ୍କା ଓ ୧୨ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଚନ୍ଦନେଶ୍ୱର ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଗୁରୁବାର ସକାଳେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହିତ ଏକ ମାମଲା (ନଂ.୧୩୩/୨୫) ରୁଜୁ କରିଛନ୍ତି। ସୂଚନାନୁଯାୟୀ ଅସହ୍ୟ ଗରମରେ ଉକ୍ତ ପରିବାର ରାତିରେ କବାଟ ଖୋଲି ଶୋଇଥିବା ବେଳେ ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରୁ ଟଙ୍କା ପଇସା ସହ ସୁନାଗହଣା ଲୁଟିନେଇଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ଅଭିଯୋଗକାରୀଙ୍କ ଆଧାରରେ ସ୍ଥାନୀୟ ଜଣେ ଯୁବକଙ୍କୁ ସନ୍ଦେହ କରି ପୋଲିସ ପଚରାଉଚୁରା କରୁଛି।

## 'ତୃଣମୂଳସ୍ତରରେ ଗଣତନ୍ତ୍ରର ଶକ୍ତି, ସାମର୍ଥ୍ୟ ପାଳନ ଲକ୍ଷ୍ୟ'

### ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

**ବାଲେଶ୍ୱର,୨୪।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ ମଣ୍ଡପଠାରେ ଗୁରୁବାର ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇ ତୃଣମୂଳସ୍ତରରେ ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟକୁ ପାଳନ ଏହାର ଲକ୍ଷ୍ୟ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଏକ ଉନ୍ନତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ। ଏଥିସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ କୁମାର ଦତ୍ତ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଓ ସଦର ବିଡିଓ ଉତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗ୍ରାମ ପଞ୍ଚାୟତମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜମ୍ମୁ କଶ୍ମୀର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଲୋକେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଅଭାଷୀ ମାଧ୍ୟମରେ ଦେଖିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସମେତ ଜନସାଧାରଣ।

